## ସଂକ୍ଷେପରେ

### ନବଜାତକ ମୃତ୍ୟୁକୁ ନେଇ ନର୍ସିଂହୋମ୍‌ରେ ଭଙ୍ଗାରୁଜା

ଜଳେଶ୍ୱର,୨୬।୧୨(ଡି.ଏନ.ଏ): ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅନ୍ତର୍ଗତ ଜମାଲପୁର ବାଇପାସ୍‌ର ଅନତି ଦୂରରେ ଥିବା ଏକ ନର୍ସିଂହୋମ୍‌ରେ ନବଜାତ ଶିଶୁର ମୃତ୍ୟୁକୁ ନେଇ ଉତ୍ତେଜନା ଦେଖାଦେଇଛି। ଉତ୍ତ୍ୟକ୍ତ ଲୋକେ ନର୍ସିଂହୋମରେ ପଶି ଭଙ୍ଗାରୁଜା କରିଥିବା ସୂଚନା ମିଳିଛି।

ଶିଖରପୁର ଗ୍ରାମର ଜନୈକା ମହିଳା ପ୍ରସବ ଜନିତ ଯନ୍ତ୍ରଣା ଯୋଗୁ ଶନିବାର ଉକ୍ତ ନର୍ସିଂହୋମ୍‌ରେ ଭର୍ତ୍ତି ହୋଇଥିଲେ। ରବିବାର ମଧ୍ୟାହ୍ନରେ ପ୍ରସବ ସମୟରେ ଶିଶୁର ମୃତ୍ୟୁ ହୋଇଥିଲା। ନର୍ସିଂହୋମ୍ କର୍ତ୍ତୃପକ୍ଷଙ୍କ ଅବହେଳାରୁ ଶିଶୁର ମୃତ୍ୟୁ ହୋଇଥିବା ଅଭିଯୋଗ କରି ପ୍ରସୂତିଙ୍କ ସମ୍ପର୍କୀୟ ଓ ସ୍ଥାନୀୟ ଲୋକେ ନର୍ସିଂହୋମ୍ ସାମ୍ନାରେ ହୋହଲ୍ଲା କରିଥିଲେ। ପରେ ସେମାନେ ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି।

### ଯୁବକଙ୍କ ଆତ୍ମହତ୍ୟା

ବାଲିଆପାଳ,୨୬।୧୨(ସ୍ୱ.ପ୍ର)- ବାଲେଶ୍ୱର ଜିଲା ବାଲିଆପାଳ ଥାନା ଆଳାଡ଼ିହା ପଞ୍ଚାୟତ ଅନ୍ତର୍ଗତ ବାଲିବିଲ ଗ୍ରାମର ସୂର୍ଯ୍ୟନାରାୟଣ ପାତ୍ର(୨୧) ଶନିବାର ରାତିରେ ବେକରେ ଶାଢ଼ି ବାନ୍ଧି ଆତ୍ମହତ୍ୟା କରିଛନ୍ତି। ସେ ବାଲେଶ୍ୱରର ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରି ଆସୁଥିଲେ। ଶୁକ୍ରବାର ଗାଁକୁ ଆସିଥିଲେ। ଜାମକୁଣ୍ଡା ଫାଣ୍ଡି ଅଧିକାରୀ ଶାରଦା ପ୍ରସନ୍ନ ମୁଦୁଲି ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ବାଲିଆପାଳ ଥାନାରେ ଅପମୃତ୍ୟୁ ମାମଲା (ନଂ.୪୪/୨୧) ରୁଜୁ ହୋଇଛି।

### ମନ୍ଦିରରୁ ଚୋରି

ଭଣ୍ଡାରିପୋଖରୀ,୨୬।୧୨(ଡି.ଏନ.ଏ)- ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଅଞ୍ଚଳରେ ଥିବା ବିଭିନ୍ନ ଦେବଦେବୀ ମନ୍ଦିରରୁ ଚୋରି ହେବାରେ ଲାଗିଛି। ଏନେଇ ଥାନାରେ ଅଭିଯୋଗ ହେଉଥିଲେ ମଧ ପୋଲିସ ପକ୍ଷରୁ ସେଭଳି କୌଣସି ପଦକ୍ଷେପ ନିଆଯାଉ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ଶନିବାର ବିଳମ୍ବିତ ରାତିରେ ଭଣ୍ଡାରିପୋଖରୀ ଥାନା ଅଧୀନ ଜଗନ୍ନାଥପ୍ରସାଦ ଗ୍ରାମରେ ଥିବା ବାବା ଲୋକନାଥ ମନ୍ଦିର ଫାଟକ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ସୁନାନାଗ, ସୁନାଗିନା, ରୁପା ଆସନ, ରୁପା ଟିକିଲି, ୬ ପିତ୍ତଳ ଘଣ୍ଟି ଆଦି ଚୋରି କରି ନେଇଛନ୍ତି। ଗ୍ରାମର ବିକାଶ ବାରିକ ଏନେଇ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ ଆରମ୍ଭ କରିଛି।

### ରାଶନ କାର୍ଡ ହିତାଧିକାରୀଙ୍କୁ କୋଭିଡ୍ ସହାୟତା

ଢେଙ୍କିକୋଟ, ୨୬।୧୨(ଡି.ଏନ.ଏ.): କେନ୍ଦୁଝର ଜିଲା ଖଣ୍ଡଘର ପଞ୍ଚାୟତ ତଣ୍ଡିବେଡା ଗ୍ରାମରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ରୋହିତ କୁମାର ମହାନ୍ତଙ୍କ ତତ୍ତ୍ୱାବଧାନରେ ରାଶନକାର୍ଡଧାରୀଙ୍କୁ ରାଜ୍ୟ ସରକାରଙ୍କ ଦ୍ୱାରା କୋଭିଡ୍ ସୋହାୟତା ଏକ ହଜାର ଟଙ୍କା ଲେଖାଏଁ ବଣ୍ଟନ କରାଯାଇଛି। ସମସ୍ତ ଜିଲାରେ ରାଶନକାର୍ଡ ଧାରୀଙ୍କୁ ଏହା ପ୍ରଦାନ କରାଯାଉଥିବା ସେ କହିଛନ୍ତି। ଏହି ସହାୟତା ରାଶି ବଣ୍ଟନ କାର୍ଯ୍ୟକ୍ରମକୁ ପଞ୍ଚାୟତର ସେଲ୍ସମ୍ୟାନ ଭାସ୍କର ସେଠି ଏବଂ ପିଅନ ସୁମନ୍ତ ସେଠି ସହଯୋଗ କରିଥିଲେ।

# କଟକଣା ସତ୍ତ୍ୱେ ପର୍ଯ୍ୟଟକଙ୍କ ଭିଡ଼

କେନ୍ଦୁଝର, ୨୬।୧୨ (ସ୍ୱ.ପ୍ର.)

କଟକଣା ସତ୍ତ୍ୱେ କେନ୍ଦୁଝର ଜିଲାର ବିଭିନ୍ନ ପର୍ଯ୍ୟଟନ କେନ୍ଦ୍ରରେ ଭିଡ ଦେଖିବାକୁ ମିଳିଛି । ପୁରୁଣା ବର୍ଷକୁ ବିଦାୟ ଦେବା ପାଇଁ ଭୋଜିଭାତ ସାଙ୍ଗକୁ ନାଚଗୀତର ଆୟୋଜନ ଦେଖିବାକୁ ମିଳିଛି। ବିଶେଷ କରି କାନଝରୀ, ଖଣ୍ଡାଧାର, ଭୀମକୁଣ୍ଡ, ଗୁଣ୍ଡିଚାଘାଗୀ, ହାଣ୍ଡିଭଙ୍ଗା, ମୁର୍ଗା, ହଦଗଡ ଆଦି ପର୍ଯ୍ୟଟନ କେନ୍ଦ୍ରରେ ଲୋକଙ୍କ ଭିଡ ଦେଖିବାକୁ ମିଳିଛି। ସାନଘାଗରା, ଘଟଗାଁ ମା' ତାରିଣୀ ପୀଠ ଛାଡିଦେଲେ ଅନ୍ୟ ପ୍ରାୟ ସବୁଠି ଭିଡ଼ ଦେଖିବାକୁ ମିଳିଛି। କାନଝରୀ ଜଳଭଣ୍ଡାରରେ ପର୍ଯ୍ୟଟକ ମାନେ ଗାଧୋଇବା ଓ ବୋଟିଂ ର ମଜା ଉଠାଇଛନ୍ତି। ଅନେକ

**ଚାଲିଛି ଭୋଜିଭାତ ଓ ନାଚଗୀତର ଆସର**

ଜନଗହଳିପୂର୍ଣ୍ଣ ପର୍ଯ୍ୟଟନ କେନ୍ଦ୍ରରେ ପର୍ଯ୍ୟଟକଙ୍କ ସୁରକ୍ଷା ବ୍ୟବସ୍ଥା କିମ୍ବା ପୋଲିସ ମୁତୟନ କରାଯାଇ ନ ଥିଲେ ହେଁ ସେଭଳି କୌଣସି ଅଘଟଣର ସୂଚନା ନାହିଁ। କୋଭିଡ ପାଇଁ ଦୁଇ ବର୍ଷ ହେଲା ପର୍ଯ୍ୟଟନ କେନ୍ଦ୍ର ଗୁଡିକ ବନ୍ଦ ରହିଥିବା ବେଳେ ସେସବୁ ଖୋଲା ଯିବା ପରେ ପର୍ଯ୍ୟଟକଙ୍କ କ୍ରମାଗତ ଭିଡ଼ ଜମୁଥିଲା। ପୁଣି ବଡ଼ଦିନ ଠାରୁ ଅଧିକ ଭିଡ଼ ଆଶଙ୍କା କରି ସରକାର କଟକଣା ଲଗାଇଥିଲେ ହେଁ ଅନେକ ସ୍ଥାନରେ କୋଭିଡ ଗାଇଡଲାଇନର ଖୋଲାଖୋଲି ଉଲ୍ଲଂଘନ କରାଯାଇଥିଲେ ହେଁ ପ୍ରଶାସନ ପକ୍ଷରୁ ସେଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । କାଗଜପତ୍ରରେ କଟକଣା ସୀମିତ ହୋଇଥିବା ବେଳେ ଅନେକ ସ୍ଥାନରେ କଟକଣା ସତ୍ତ୍ୱେ ଭୋଜିଭାତ, ସଭାସମିତି ଉତ୍ସବ ମଧ୍ୟ ଆୟୋଜନ ହୋଇଥିବା ଦେଖିବାକୁ ମିଳିଛି।


କାନଝରୀ ଜଳଭଣ୍ଡାରରେ ପର୍ଯ୍ୟଟକ ଜଳକ୍ରୀଡ଼ାର ମଜା ଉଠାଉଛନ୍ତି।

## ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଘୋଷଣା

ଭଦ୍ରକ ଅଫିସ, ୨୬।୧୨

ଭଦ୍ରକ ପୌରପାଳିକାରେ ଫେରିଛି ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ବ୍ୟବସ୍ଥା। ଗତ ୧୮ ତାରିଖରେ ସାଉଦି ଆରବରୁ ଫେରିଥିବା ଜଣେ ଯୁବକ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ଜିଲା ମୁଖ୍ୟ ଚିକିତ୍ସାଳୟର କୋଭିଡ୍ ୱାର୍ଡରେ ଭର୍ତ୍ତି ହୋଇଛନ୍ତି। ଓମିକ୍ରନ ଭାରିଆଣ୍ଟ ଆକ୍ରାନ୍ତ କି ନାହିଁ ପରୀକ୍ଷା ପାଇଁ ନମୁନା ଭୁବନେଶ୍ୱର ପଠାଯାଇଛି। ଏନେଇ ପୌରପାଳିକା ପକ୍ଷରୁ ୧୮ ନଂ ୱାର୍ଡର ମୁଲନାସାହିରେ ନିର୍ଦ୍ଦିଷ୍ଟ ଭାବେ ଦୁଇଟି ଘରକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇ ରବିବାର ବିଶୋଧନ କରାଯାଇଛି। ଉକ୍ତ ପରିବାର ଓ ପଡ଼ୋଶୀ ପରିବାରର ସମସ୍ତ ସଦସ୍ୟଙ୍କ ନମୁନା ମଧ୍ୟ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯାଇଥିବା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତ ସୂଚନା ଦେଇଛନ୍ତି।

୨୦ ତାରିଖ ସୁଦ୍ଧା ଜିଲାକୁ ୧୯୩ ଜଣ ବିଦେଶ ଫେରନ୍ତା ଆସିଥିବା ବେଳେ ସେମାନଙ୍କ ମଧ୍ୟରୁ ୨୭ ଜଣ ରେଡ୍ ଜୋନ୍‌ରୁ ଫେରିଥିବା ପ୍ରଶାସନ ନିକଟରେ ଖବର ରହିଛି। ସଂକ୍ରମଣ ଆଶଙ୍କାରେ ସେମାନଙ୍କ ଉପରେ ନଜର ରଖାଯାଇ ୧୫ ଦିନ ବ୍ୟବଧାନରେ ଦୁଇଥର ପରୀକ୍ଷା ଓ ସଂଗରୋଧରେ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ସିଡିଏମ୍ଓ ଡା. ସନ୍ତୋଷ କୁମାର ପାତ୍ର କହିଛନ୍ତି। ସେମାନଙ୍କ ମଧ୍ୟରୁ ୧୮୬ ଜଣଙ୍କୁ ପ୍ରଶାସନ ଚିହ୍ନଟ କରିଥିବା ବେଳେ ୭ ଜଣଙ୍କ କୌଣସି ତଥ୍ୟ ମିଳିପାରି ନ ଥିବା ଏବଂ ବର୍ତ୍ତମାନ ସୁଦ୍ଧା ୫୯ ଜଣ ସଂଗରୋଧରେ ରହିଥିବା କୁହାଯାଇଛି।

**ବିଦେଶ ଫେରନ୍ତା କରୋନା ଆକ୍ରାନ୍ତ**



## ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ କଲେ ପର୍ଯ୍ୟଟନ ମନ୍ତ୍ରୀ



ଗୋବିନ୍ଦପୁରଠାରେ ମିଶନ ଶକ୍ତି ଗୃହକୁ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଉଦ୍‌ଘାଟନ କରୁଛନ୍ତି।

ଖଇରା,୨୬।୧୨(ଡି.ଏନ.ଏ.)

ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣୀଗ୍ରାହୀ ରବିବାର ବାଲେଶ୍ୱର ଜିଲା ଖଇରା ବ୍ଲକ ଗସ୍ତରେ ଆସି ରକ୍ତଦାନ ଶିବିର ଓ ୨ପ୍ରକଳ୍ପର ଉଦ୍‌ଘାଟନ କରିଥିବା ବେଳେ ସମ୍ପୈଇଠାରେ ବିଭିନ୍ନ ନାଳର ପୁନରୁଦ୍ଧାର କାର୍ଯ୍ୟର ଶିଳାନ୍ୟାସ କରିଛନ୍ତି। ପ୍ରଥମେ ଜଳଦା ଉପ୍ରା ବିଦ୍ୟାଳୟ ପରିସରରେ ଆୟୋଜିତ ଜୀବନ ବିନ୍ଦୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜୀବନବିନ୍ଦୁ କାର୍ଯ୍ୟକ୍ରମର ସଂଯୋଜକ ପ୍ରହଲ୍ଲାଦ ପତି,ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ରମାକାନ୍ତ ମହାନ୍ତି, ଯୁବ ସଙ୍ଗଠକ ବିଭକ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପରେ ୩କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ପୋଲ, ଢୁଢୁଆ, କଣ୍ଟାପଡ଼ା ଓ ଦୋଳତା ନାଳର ପୁନରୁଦ୍ଧାର କାର୍ଯ୍ୟର ଶିଳାନ୍ୟାସ କରିଥିଲେ । ଡ୍ରେନେଜ ବିଭାଗର କନିଷ୍ଠ ଯନ୍ତ୍ରୀ ସୁବାଶ ସାହା ଓ କାର୍ଯ୍ୟଗ୍ରାହୀ ସୌମ୍ୟରଞ୍ଜନ ସାମଲ,ଜିଲା ପରିଷଦ ସଭ୍ୟ ଜୟନ୍ତୀ ମହଲା, ପୂର୍ବତନ ସରପଞ୍ଚ କରୁଣାକର ଜେନା ପ୍ରମୁଖ ଉପସ୍ଥିତ ଥିଲେ । ପରେ ମନ୍ତ୍ରୀ ପାଣିଗ୍ରାହୀ ଗୋବିନ୍ଦପୁର ପଞ୍ଚାୟତର ବୁଢାଗଡିଆଠାରେ ନିର୍ମିତ ହୋଇଥିବା ମିଶନଶକ୍ତି ଗୃହକୁ ମହିଳା ଗୋଷ୍ଠୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିଥିଲେ। ଏହି ପରିପ୍ରେକ୍ଷୀରେ ସରପଞ୍ଚ ରାମେଶ୍ୱର ହାଁସଦାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମନ୍ତ୍ରୀ ପାଣିଗ୍ରହୀଙ୍କ ସମେତ ପୂର୍ବତନ ସରପଞ୍ଚ କାହ୍ନୁ ସାହୁ, ପ୍ରାକ୍ତନ ବ୍ୟାଙ୍କ ପରିଚାଳକ ରବୀନ୍ଦ୍ର ବେହେରା, ଯୁବ ସଙ୍ଗଠକ ପପୁ ବାରିକ, ମହିଳା ମହାସଂଘ ସଭାପତି ସସ୍ମିତା ପାତ୍ର, ସମ୍ପାଦିକା ମମତା ଖଣ୍ଡା, ନାରୀନେତ୍ରୀ ପାର୍ବତୀ ବାରିକ ଓ ରଶ୍ମୀବାଳା ବେହେରା, ନିର୍ମଳା ରାଉତ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ।

## ୮୦ ୟୁନିଟ୍ ରକ୍ତ ସଂଗୃହୀତ

ବୈଶିଙ୍ଗା,୨୬।୧୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବୈଶିଙ୍ଗାଠାରେ ଓଡ଼ିଶା କମ୍ପ୍ୟୁଟର ଏକାଡେମୀ ପକ୍ଷରୁ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏସ୍‌ଡିପିଓ ସୁଦର୍ଶନ ଦାଶ ମୁଖ୍ୟଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବୈଶିଙ୍ଗା ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ର, ଜିଲା ସାମ୍ବାଦିକ ସଂଘ ସଭାପତି ଅରୁଣ ଓତା, ଅବସରପ୍ରାପ୍ତ ଶିକ୍ଷକ ସଞ୍ଜୟ ମିଶ୍ର ଓ ସୀତାନାଥ ବେହେରା, ବରିଷ୍ଠ ଶିକ୍ଷକ ଦେବେନ୍ଦ୍ର ପଣ୍ଡା, ବଣିକ ସଂଘ ସଦସ୍ୟ ସୁଦର୍ଶନ ମହାପାତ୍ର ଓ ରବି ନାରାୟଣ ପଣ୍ଡା ଯୋଗ ଦେଇଥିଲେ। ୮୦ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ବୈଶିଙ୍ଗା ମିଡିଆ ସେଣ୍ଟର ବରିଷ୍ଠ ସଭ୍ୟ ବିମଳେନ୍ଦୁ ମହାପାତ୍ର, ସତ୍ୟ ପ୍ରକାଶ ପ୍ରଧାନ, ରତନ ଦାଶ ପ୍ରମୁଖ ସହଯୋଗ କରିଥିଲେ। ଏକାଡେମୀ ମୁଖ୍ୟ ପରିଚାଳକ ମଧୁସୂଦନ ମହାନ୍ତି ସଞ୍ଚାଳନ କରିଥିଲେ।

## କାର୍ ଓଲଟି ୫ ଗୁରୁତର

ରୂପ୍‌ସା,୨୬।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ୬୦ନଂ. ଜାତୀୟ ରାଜପଥର ବସ୍ତା ବାଇପାସ ନିକଟରେ ରବିବାର ଏକ କାର୍ ଓଲଟି ଗୋଟିଏ ପରିବାରର ୨ ମହିଳାଙ୍କ ସମେତ ୫ଜଣ ଗୁରୁତର ହୋଇଛନ୍ତି। କୋଲକାତା ନିକଟ ଷ୍ଟେଶନପଲ୍ଲୀ ଅଞ୍ଚଳର ଦିଲ୍ଲୀପ ଘୋଷ କାର୍‌ରେ ପରିବାରବର୍ଗଙ୍କୁ ନେଇ ପୁରୀ ଜଗନ୍ନାଥ ଦର୍ଶନ ପାଇଁ ଯାଉଥିଲେ। ବସ୍ତା ବାଇପାସ୍ ନିକଟରେ ହଠାତ୍ ଏକ ଗାଈ ରାଜପଥ ଉପର ଦେଇ ରାସ୍ତା ଅତିକ୍ରମ କରୁଥିଲା। ଫଳରେ କାର୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବସ୍ତା ଥାନା ପୋଲିସ, ଦମକଳ ବାହିନୀ ଓ ରାଜପଥ ଆମ୍ବୁଲାନ୍ସ ପହଞ୍ଚି କାର୍ ଭିତରୁ ଆହତମାନଙ୍କୁ ଉଦ୍ଧାର କରି ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଆରତୀ ଘୋଷ, ବର୍ଣ୍ଣାଳୀ ଘୋଷ, ଦିଲ୍ଲୀପ ଘୋଷ, ଅର୍ଷି ଘୋଷ, ରାଜୀବ ଘୋଷ ପ୍ରମୁଖ ଆହତଙ୍କ ମଧ୍ୟରୁ ଗୁରୁତର ଦୁଇମହିଳା ଆରତୀ ଘୋଷ ଓ ବର୍ଣ୍ଣାଳୀ ଘୋଷଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

## ବିଜେଡିର ପ୍ରତିଷ୍ଠା ଦିବସ

କେନ୍ଦୁଝର/ଢେଙ୍କିକୋଟ/ଚମ୍ପୁଆ/ଯୋଡ଼ା/ବାରିପଦା ଅଫିସ/ଭଦ୍ରକ ଅଫିସ/ଭଣ୍ଡାରିପୋଖରୀ/ବନ୍ତ, ୨୬।୧୨ (ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର, ମୟୂରଭଞ୍ଜ ଓ ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରେ ରବିବାର ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲା ସଦର ବ୍ଲକ ରାଇସୁଆଁ ଠାରେ ବିଜେଡି୨୫ତମ ପ୍ରତିଷ୍ଠା ଦିବସ ରବିବାର ପାଳିତ ହୋଇଯାଇଛି। ରାଇସୁଆଁଠାରେ ଜିଲା ସଭାପତି ମାଧବ ସର୍ଦ୍ଦାରଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଯୁବ ବିଜେଡି ରାଜ୍ୟ ଉପସଭାପତି ସୌମ୍ୟଶଙ୍କର ଚକ୍ର ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ନଗରପାଳ ମୀନା ମାଝୀ , ବିଜେଡି କୃଷକ ସେଲ ରାଜ୍ୟ ଉପସଭାପତି କାନନ ବିହାରୀ ପହି, ପୂର୍ବତନ ବିଧାୟକ ଅଭିରାମ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଘଟଗାଁ ବ୍ଲକ ଢେଙ୍କିକୋଟ ଠାରେ ବିଜେଡି ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଘସିପୁରା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଦେବାଶିଷ ପାତ୍ରଙ୍କ ନେତୃତ୍ୱରେ ସକ୍ରିୟ ବିଜେଡି ସକ୍ରିୟ ସଦସ୍ୟ ଦିଗାମ୍ବର ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଷ୍ଠା ଦିବସ ଉତ୍ସବ ସଭାରେ ମୁଖ୍ୟ ଅତିଥି ଭାବେ ଦେବାଶିଷ ପାତ୍ର ଯୋଗ ଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ଅଜୟ କୁମାର ନାୟକ, ଘଟଗାଁ ବ୍ଲକ ଅଧ୍ୟକ୍ଷା ଦ୍ରୌପଦୀ ଦଣ୍ଡପାଟ, ବିଜେଡି ସଭାପତି ଦୋଳଗୋବିନ୍ଦ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଚମ୍ପୁଆରେ ବିଧାୟିକା ମୀନାକ୍ଷୀ ମହାନ୍ତ ଯୋଗଦେଇ ବିଜେଡି ଲୋକାଭିମୁଖୀ ଯୋଜନା ବିଷୟରେ ମତବ୍ୟକ୍ତ କରିଥିଲେ। ଯୋଡ଼ା ସ୍ଥିତ ବନେଇକଳା ଖେଳ ପଡିଆ ଠାରେ ରବିବାର ବିଜେଡିର ରୌପ୍ୟ ଜୟନ୍ତୀ ପାଳନ କରାଯାଇଛି। ଏଥିରେ ଚମ୍ପୁଆ ପୂର୍ବତନ ବିଧାୟକ ଜିତୁ ପଟ୍ଟନାୟକ, ପୂର୍ବତନ ଯୋଡ଼ା ନଗରପାଳ ଆର୍.କେ ଦାସ, ବିଜେଡିସଭାପତିଯୁଧିଷ୍ଠିର ପଲେଇ, ଯୁବ ସଭାପତି ସଞ୍ଜୀବ ଆପଟ, ସଭାପତି ଦିଲ୍ଲୀପ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ ।

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଦଳୀୟ କାର୍ଯ୍ୟାଳୟରେ ପ୍ରାକ୍ତନ ଏସଡିସି ଅଧ୍ୟକ୍ଷ ଦେବାଶିଷ ମାରାଣ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, ସହ ପର୍ଯ୍ୟବେକ୍ଷକ ସୁବ୍ରତ ଛାଟୋଇ, ପ୍ରଭାତ ନାୟକ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଭଦ୍ରକ ଗାନ୍ଧୀପଡ଼ିଆରେ ବିଜେଡିର ଜିଲା ସଭାପତି ଜଗନ୍ନାଥ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଓ ବହୁ ଛାମୁଆ ନେତା ଯୋଗ ଦେଇଥିଲେ। ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ କର୍ମୀଙ୍କ ସମାବେଶ ହୋଇଥିଲା। ଭଣ୍ଡାରିପୋଖରୀ କଲେଜ ପଡ଼ିଆରେ ଦଳର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ଅନୁଷ୍ଠିତ ଉତ୍ସବରେ ବ୍ଲକ ସଭାପତି ଲକ୍ଷ୍ମୀଧର ନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ସୌମ୍ୟ ରଞ୍ଜନ ପାତ୍ର, ଜିଲା ବିଜେଡି ଉପସଭାପତି ପ୍ରଣୀତକାନ୍ତି ସାମଲ, ଛାତ୍ର ସଭାପତି ଦୀପ୍ତିସୂର୍ଯ୍ୟ ବିଶ୍ୱାଳ, ବ୍ଲକ ଯୁବ ସଭାପତି ଲଳିତ ରାଉତ, ଶରତ ଚନ୍ଦ୍ର ଜେନା, ରଶ୍ମିତା ପାଢ଼ୀ, ଅଲିଭା ନାୟକ, ରିତାଞ୍ଜଳି ସାମଲ, ଜଗନ୍ନାଥ ଭାରତୀ, ରାଜେନ୍ଦ୍ର ଖଣ୍ଡାଇ ପ୍ରମୁଖ ଉପସ୍ଥିତ ଥିଲେ। ବନ୍ତଠାରେ ବ୍ଲକ ବିଜେଡି ସଭାପତି କମଳାକାନ୍ତ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗ ଦେଇଥିଲେ। ରାଜ୍ୟ ବିଜେଡି ସମ୍ପାଦକ ଇଂ. ପ୍ରୟାସକାନ୍ତି ସାମଲ, ବ୍ଲକ ଅଧ୍ୟକ୍ଷ ଦେବେନ୍ଦ୍ର ଜେନା, ପ୍ରାକ୍ତନ ଅଧ୍ୟାପକ ଡ. ସୁଧାଂଶୁ ଶେଖର ନାୟକ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ଜେନା, ଜିଲା ପରିଷଦ ସଭ୍ୟା ରେବତୀ ନାୟକ, ସଭ୍ୟ ପ୍ରଶାନ୍ତ ଦାଶ, ଚିନ୍ମୟ ଦାସ, ସତ୍ୟସାଧନ ବେଜ, ନିହାରିକା ରାଉତ, ପ୍ରଣବ କିଶୋର ଲେଙ୍କା, ସୁବାସ ଦାସ, ଜଇନୁଲ ଆବେଦିନ୍ ପ୍ରମୁଖ ଉପସ୍ଥିତ ଥିଲେ।

## ଦାବି ପୂରଣ ନ ହେଲେ ନିର୍ବାଚନରେ ଅସହଯୋଗ ଚେତାବନୀ

ବାରିପଦା ଅଫିସ,୨୬।୧୨

ବାରିପଦାରେ ଓବିସି ମଞ୍ଚ ପକ୍ଷରୁ ରବିବାର ଏକ ବିଶାଳ ସମାବେଶ ଶହୀଦ ସ୍ମୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଭିନ୍ନ ଅଞ୍ଚଳରୁ ଓବିସି ବର୍ଗର ନେତୃବୃନ୍ଦ ଯୋଗଦେଇ ଏହି ବର୍ଗର ଲୋକଙ୍କୁ ସରକାରୀ ସ୍ତରରେ କିଭଳି ସୁବିଧା ସୁଯୋଗ ମିଳିପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟରେ ଓବିସି ବର୍ଗର ଲୋକଙ୍କୁ ସରକାର କୌଣସି ସୁବିଧା ସୁଯୋଗ ଦେଉ ନ ଥିବାରୁ କହି ଅସନ୍ତୋଷ ପ୍ରକାଶ କରିଥିଲେ। ଶିକ୍ଷା ଓ ଚାକିରି କ୍ଷେତ୍ରରେ ମଧ ଅନ୍ୟ ବର୍ଗଙ୍କ ଭଳି ସଂରକ୍ଷଣ ବ୍ୟବସ୍ଥା ଲାଗି ଦାବି କରାଯାଇଛି। ରାଜ୍ୟରେ ଓବିସି ଗଣନା କରାଯାଇ ଛାତ୍ରୀଛାତ୍ର ଓ ଯୁବକମାନଙ୍କୁ ଚାକିରି କ୍ଷେତ୍ରରେ ସୁବିଧା ସୁଯୋଗ ଯୋଗାଇ ଦିଆଯାଉ। ସେହିପରି ଓବିସିଙ୍କ କ୍ଷେତ୍ରରେ ସ୍ୱତନ୍ତ୍ର ଆଇନ ପ୍ରଣୟନ ପାଇଁ ଦାବି ହୋଇଛି। ମଞ୍ଚର ରାଜ୍ୟ ସଭାପତି ଶଙ୍କର ପାତ୍ରଙ୍କ ସମେତ ଜିଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ନେତୃବୃନ୍ଦ ବୈଠକରେ ଉପସ୍ଥିତ ଥିଲେ। ଦାବି ପୂରଣ ନ ହେଲେ ଆଗାମୀ ନିର୍ବାଚନରେ ସରକାରଙ୍କୁ ଅସହଯୋଗ କରିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## ଆଞ୍ଚଳିକ ସମସ୍ୟାର ସମାଧାନ ଦାବି କଲା ସିପିଏମ୍

ସଜନାଗଡ଼,୨୬।୧୨(ଡି.ଏନ.ଏ.)

ନୀଳଗିରି ସିପିଏମ୍ ଆଞ୍ଚଳିକ କମିଟି ପକ୍ଷରୁ ରବିବାର କାର୍ଯ୍ୟାଳୟ ପରିସରରେ ୩ଦଫା ଦାବି ନେଇ ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା। ବାତ୍ୟାରେ ନୀଳଗିରି ଉପଖଣ୍ଡରେ ଚାଷୀ କ୍ଷତିଗ୍ରସ୍ତ ହୋଇଥିବା ବେଳେ ତୁରନ୍ତ ଧାନମଣ୍ଡି ଖୋଲାଯିବା, ନୀଳଗିରି ଉପଖଣ୍ଡ ଡାକ୍ତରଖାନାରେ ଏସ୍‌ଡିଏମ୍‌ଓ ପଦବୀ ତୁରନ୍ତ ପୂରଣ କରିବା, ସହରରେ ରାସ୍ତାର ଉନ୍ନତିକରଣ ନାମରେ ଉଚ୍ଛେଦ ଦୋକାନୀମାନଙ୍କୁ ଥଇଥାନ କରାଯିବା ଆଦି ଦାବି କରାଯାଇଥିଲା। ଏହି ଖବରଦାତା ସମ୍ମିଳନୀରେ ବିଜୟ ପାତ୍ର, ଯୋଗାନନ୍ଦ ଦାଶ, ଜ୍ୟୋର୍ତିମୟୀ ରାଉଦ ପ୍ରମୁଖ ଉପସ୍ଥିତ ଥିଲେ ।

## ୨୨ରୁ ଜୈବିକ କୃଷି ପ୍ରଶିକ୍ଷଣ

ବାଲେଶ୍ୱର ଅଫିସ,୨୬।୧୨

ବାଲେଶ୍ୱର ବସ୍‌ଷ୍ଟାଣ୍ଡ ସ୍ଥିତ ଭାଜପା ଜିଲା କାର୍ଯ୍ୟାଳୟରେ ରବିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଚୌଧୁରୀ ଚରଣ ସିଂହ ରାଷ୍ଟ୍ରୀୟ କୃଷି ବିପଣନ ସଂସ୍ଥା (କୃଷି ମନ୍ତ୍ରଣାଳୟ ଭାରତ ସରକାର)ଙ୍କ ସହଯୋଗ ଓ ଜନକଲ୍ୟାଣକରୀ ଯୋଜନା ପ୍ରଚାର ପ୍ରସାର ଅଭିଯାନ ମାଧ୍ୟମରେ ଆସନ୍ତା ଜାନୁୟାରୀ ୨୨,୨୩ ଓ ୨୪ ତାରିଖରେ ଏକ ଜୈବିକ କୃଷି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ। ଉକ୍ତ ଶିବିରରେ ୩୦ଜଣ ଅନୁସୁଚିତ ଜାତି ଓ ଜନଜାତି ବର୍ଗର ଚାଷୀଙ୍କୁ ପ୍ରଶିକ୍ଷିତ କରାଯିବା ସହିତ ସେମାନଙ୍କୁ କୃଷି କିଟ୍ ଓ ଭାରତ ସରକାରଙ୍କ ପ୍ରମାଣପତ୍ର ପ୍ରଦାନ କରାଯିବ। ଜନକଲ୍ୟାଣକରୀ ଯୋଜନା ପ୍ରଚାର ପ୍ରସାର ଅଭିଯାନର ରାଷ୍ଟ୍ରୀୟ ସଭାପତି ପୁଷ୍ପେଶ ଆର୍ଯ୍ୟ, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଶ୍ରୀ ରାଜମଣୀ ଓ ଓଡ଼ିଶା ପ୍ରଦେଶ ସଭାପତି ଜିତେନ୍ଦ୍ର ପାତ୍ର ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଅନ୍ୟମାନେ।

# ପ୍ରଶାସନ ଡାକିଲା ଶାନ୍ତି କମିଟି ବୈଠକ

ବାଲେଶ୍ୱର ଅଫିସ,୨୬।୧୨

ବାଲେଶ୍ୱର-ମୟୂରଭଞ୍ଜ ଜିଲା ସୀମାବର୍ତ୍ତୀ ଚଷାଖଣ୍ଡ, ଜଙ୍ଘରାଇ ଏବଂ କଳମା ଗ୍ରାମ ଲୋକଙ୍କ ମଧ୍ୟରେ ଶନିବାର ହୋଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଛି। ଏନେଇ ଉଭୟ ଜିଲାର ପୋଲିସ ଓ ପ୍ରଶାସନ ପକ୍ଷରୁ ତ୍ୱରିତ୍ ପଦକ୍ଷେପ ସ୍ୱରୂପ ସ୍ଥିତି ନିୟନ୍ତ୍ରଣକୁ ଆଣିବା ପାଇଁ ୧୪୪ ଧାରା ଜାରି କରାଯିବା ସହ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଉତ୍ତେଜନା ହ୍ରାସ କରିବା ପାଇଁ ରବିବାର ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଉଭୟ ପକ୍ଷଙ୍କୁ ନେଇ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୂର୍ବାଞ୍ଚଳ ଆଇଜି ହିମାଂଶୁ ଲାଲ, ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ମୟୂରଭଞ୍ଜ ଜିଲାପାଳ ବିନୀତ ଭରଦ୍ୱାଜ, ବାଲେଶ୍ୱର ଜିଲା ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର, ମୟୂରଭଞ୍ଜ ଜିଲା ଆରକ୍ଷୀ ଅଧୀକ୍ଷକ କେ.ଆର. ଦ୍ୟାନଦେଓ, ବାଲେଶ୍ୱର ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ବାଲେଶ୍ୱର ଉପଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ସମେତ ଉଭୟ ପକ୍ଷର ପ୍ରାୟ ୩୦ଜଣ ଗ୍ରାମବାସୀ ଅଂଶଗ୍ରହଣ କରି ଶାନ୍ତି ବଜାୟ ରଖିବା ଉପରେ ଆଲୋଚନା କରିଥିଲେ। ସ୍ୱାଭାବିକ ସ୍ଥିତି ଫେରାଇ ଆଣିବାକୁ ଗ୍ରାମବାସୀଙ୍କ ସହଯୋଗ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା।

ପୂର୍ବାଞ୍ଚଳ ଆଇଜି ଶ୍ରୀ ଲାଲ୍ ପ୍ରଶାସନ ଓ ପୋଲିସ ଉପରେ ସମ୍ପୂର୍ଣ୍ଣ ଭରସା ରଖିବାକୁ ଏବଂ ଆଇନକୁ ହାତକୁ ନ ନେବାକୁ ପରାମର୍ଶ ଦେଇଥିଲେ। ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କୁ ଧରାଯିବା ସହିତ ଆଇନ୍ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଉପସ୍ଥିତ ଗ୍ରାମବାସୀମାନେ ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ପାଇଁ ବୈଠକରେ କହିବା ସହିତ ସମସ୍ତ ଗ୍ରାମରେ ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ କାଏମ ରଖିବାକୁ ସହମତି ପ୍ରକାଶ କରିଥିଲେ। ଶାନ୍ତି ଓ ଭାଇଚାରା ସହ ସହବସ୍ଥାନ କରିବାକୁ ବୈଠକରେ ମତପ୍ରକାଶ ପାଇଥିଲା।


ଶାନ୍ତି କମିଟି ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଗ୍ରାମବାସୀ।

**ବାଲେଶ୍ୱର-ମୟୂରଭଞ୍ଜ ସୀମାବର୍ତ୍ତୀ ଗ୍ରାମରେ ଗୋଷ୍ଠୀ ସଂଘର୍ଷ ଘଟଣା**

## ଗୋଷ୍ଠୀ ସଂଘର୍ଷରେ ଜଣେ ମୃତ: ଗାଁରେ ୧୪୪ ଜାରି

ବୈଶିଙ୍ଗା,୨୬।୧୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ କଳମା ଠାରେ ଶନିବାର ସନ୍ଧ୍ୟାରେ ସାମାନ୍ୟ ବଚସାରୁ ଗୋଷ୍ଠୀ ସଂଘର୍ଷ ଘଟିଥିଲା। ଉଭୟ ପକ୍ଷରୁ ୩ଜଣ ଗୁରୁତରଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ବିଳମ୍ବିତ ରାତିରେ ସେକ ଜିଲାନି ନାମକ ଯୁବକଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ବାଲେଶ୍ୱର ସଦର ଥାନା ଅନ୍ତର୍ଗତ ଜଂଘରାଇ ଗ୍ରାମରେ। ଅନ୍ୟ ଦୁଇ ଜଣଙ୍କ ମଧ୍ୟରୁ ଜଣଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏନେଇ ବୈଶିଙ୍ଗା ପୋଲିସ ଏକ ମାମଲା (ନଂ.୩୭୧/୨୧) ରୁଜୁ କରି ତଦନ୍ତ ଚଳାଇଛି। ଉତ୍ତେଜନା ଲାଗି ରହିଥିବାରୁ ଉକ୍ତ ଗାଁରେ ବାଲେଶ୍ୱର ପୋଲିସ ପକ୍ଷରୁ ୪ ପ୍ଲାଟୁନ ଓ ବୈଶିଙ୍ଗା ପୋଲିସ ପକ୍ଷରୁ ମଧ ୪ ପ୍ଲାଟୁନ ଫୋର୍ସ ମୁତୟନ ସହ ୧୪୪ ଧାରା ଜାରି କରାଯାଇଛି।

